# NATIONAL NEWS BULLETIN (ODIA)

**8 January - 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଅଷ୍ଟାଦଶ ପ୍ରବାସୀ ଭାରତୀୟ ସମ୍ମିଳନୀ ଭୁବନେଶ୍ୱରଠାରେ ଆରମ୍ଭ

–ଆସନ୍ତାକାଲି ଯୋଗଦେବେ ପ୍ରଧାନମନ୍ତ୍ରୀ

- ଏକ ଦେଶ ଏକ ନିର୍ବାଚନ ସମ୍ବନ୍ଧୀୟ ୨ଟିଯାକ ବିଲ୍ ଉପରେ ବିଚାର ବିମର୍ଶ କରୁଛି ଜେପିସି

- ସଡ଼କ ଦୁର୍ଘଟଣାରେ ଗତବର୍ଷ ୧ ଲକ୍ଷ ୮୦ ହଜାର ଲୋକଙ୍କର ମୃତ୍ୟୁ ହୋଇଛି, ସୂଚନା ଦେଲେ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ

- ମହାକୁମ୍ଭ ମେଳା ଅବସରରେ ଶ୍ରଦ୍ଧାଳୁଙ୍କ ଗମନାଗମନକୁ ସୁବ୍ୟବସ୍ଥିତ କରିବା ଲକ୍ଷ୍ୟରେ ସେଠାରେ ଚଳାଚଳ କରିବ ବିଦ୍ୟୁତ୍ ଚାଳିତ ବସ୍

ଏବଂ

- ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାରେ ଆଜି ଖେଳାଯିବ ୨ଟି ମ୍ୟାଚ୍ ।

---

## ଜୟଶଙ୍କର–ଓଡ଼ିଶା

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର କହିଛନ୍ତି, ଏକ ଆଧୁନିକ, ସମାବେଶୀ ଏବଂ ପ୍ରଗତିଶୀଳ ସମାଜ ଗଠନ ଦିଗରେ

ଦେଖାଦେଉଥିବା ଆହ୍ୱାନଗୁଡ଼ିକର ମୁକାବିଲା ଲକ୍ଷ୍ୟରେ ଭାରତ କାର୍ଯ୍ୟ କରୁଛି । ବୈଶ୍ୱିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆମର ଅନୁସନ୍ଧାନମୂଳକ କାର୍ଯ୍ୟକଳାପ ବିକାଶ ଦିଗରେ ଅଗ୍ରଗତି କରୁଛି ବୋଲି ସେ କହିଛନ୍ତି ।

ଭୁବନେଶ୍ୱରଠାରେ ଅଷ୍ଟାଦଶ ପ୍ରବାସୀ ଭାରତୀୟ ସମ୍ମିଳନୀର ଯୁବପ୍ରବାସୀ ଦିବସ କନ୍‌ଭେନସନକୁ ସମ୍ବୋଧନ କରି ଡକ୍ଟର ଜୟଶଙ୍କର ଏହା କହିଛନ୍ତି । ବୈଷୟିକ ଜ୍ଞାନକୌଶଳ ଏବଂ ପରମ୍ପରାର ସୁରକ୍ଷା ଉଭୟ କ୍ଷେତ୍ରରେ ଭାରତ କାର୍ଯ୍ୟ କରୁଛି ବୋଲି ସେ କହିଛନ୍ତି ।

ଅମୃତକାଳରେ ବିକଶିତ ଭାରତ ସ୍ୱପ୍ନ ହାସଲ ପାଇଁ ଭାରତ ଯାତ୍ରା ଜାରି ରଖିଛି । ଏଭଳି ପ୍ରୟାସ ଭବିଷ୍ୟତ ପିଢ଼ି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂ, ପବିତ୍ର ମାର୍ଘେରିଟା, ଡକ୍ଟର ମନସୁଖ ମାଣ୍ଡବ୍ୟ, ରକ୍ଷା ନିଖିଲ ଖଡସେ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରମୁଖ ଯୋଗ ଦେଇଥିଲେ ।

ସୂଚନାଯୋଗ୍ୟ, ୧୮ତମ ପ୍ରବାସୀ ଭାରତୀୟ ସମ୍ମିଳନୀ ଆଜିଠାରୁ ଭୁବନେଶ୍ୱରରେ ଆରମ୍ଭ ହୋଇଛି । ଓଡ଼ିଶା ସରକାରଙ୍କ ସହଯୋଗରେ ଆୟୋଜିତ ଏହି ସମ୍ମିଳନୀକୁ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ । ଶୁକ୍ରବାର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ୭୦ଟି ରାଷ୍ଟ୍ରର ପ୍ରାୟ ୬ ହଜାର ପ୍ରବାସୀ ଭାରତୀୟ ଯୋଗ ଦେଉଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ଯାପନୀ ସମାରୋହରେ

ମୁଖ୍ୟ ଅତିଥି ଭାବେ ଯୋଗଦେବେ । ସମ୍ମିଳନୀ ଅବସରରେ 'ବିକଶିତ ଭାରତ ଗଠନରେ ପ୍ରବାସୀ ଭାରତୀୟଙ୍କ ଅବଦାନ' ଶୀର୍ଷକ ଆଲୋଚନା ଆୟୋଜିତ ହେବ ।

ଓଡ଼ିଶାରେ ପ୍ରଥମ ଥରପାଇଁ ଏଭଳି ସମ୍ମିଳନୀର ଆୟୋଜନ କରାଯାଇଛି । ରାଜ୍ୟର ସମୃଦ୍ଧ କଳା, ସଂସ୍କୃତି ଏବଂ ଐତିହ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଏହି ସମ୍ମିଳନୀ ଏକ ଉତ୍କୃଷ୍ଟ ଅବସର ପ୍ରଦାନ କରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

## ପି.ଏମ୍. - ଆନ୍ଧ୍ରପ୍ରଦେଶ-ଓଡ଼ିଶା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜିଠାରୁ ଦୁଇଦିନିଆ ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ଗସ୍ତରେ ଆସୁଛନ୍ତି । ପ୍ରଥମେ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାଠାରେ ଆଭାସୀ ମାଧ୍ୟମରେ ନିରନ୍ତର ବିକାଶ, ଶିଳ୍ପ ଅଭିବୃଦ୍ଧି ଏବଂ ଭିତ୍ତିଭୂମି ବିକାଶ ସଂପର୍କିତ ୨ ଲକ୍ଷ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ପୁଡ଼ିମାଡ଼ାକାଠାରେ ୧ ଲକ୍ଷ ୮୫ ହଜାର କୋଟି ଟଙ୍କାର ଅତ୍ୟାଧୁନିକ ଗ୍ରୀନ୍ ହାଇଡ୍ରୋଜେନ୍ ହବ୍‌ର ଶିଳାନ୍ୟାସ କରିବେ । ୨୦ ଗିଗାୱାଟ୍ ଅକ୍ଷୟଶକ୍ତି କ୍ଷମତା ସମ୍ପନ୍ନ ଦେଢ଼ ହଜାର ଟି.ପି.ଡି. ଗ୍ରୀନ୍ ହାଇଡ୍ରୋଜେନ ଏବଂ ଗ୍ରୀନ୍ ମିଥାନଲ୍, ଗ୍ରୀନ୍ ୟୁରିଆ ଏବଂ ନିରନ୍ତର ବିମାନ ଇନ୍ଧନ ଭଳି ପ୍ରକଳ୍ପ ଏଥିରେ ଅନ୍ତର୍ଭୁକ୍ତ । ବିଶାଖାପାଟଣାଠାରେ

ଆଜି ସନ୍ଧ୍ୟାରେ ପହଞ୍ଚି ପ୍ରଧାନମନ୍ତ୍ରୀ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଏବଂ ଉପମୁଖ୍ୟମନ୍ତ୍ରୀ ପୱନ୍ କଲ୍ୟାଣଙ୍କ ସହ ଏକ ରୋଡ୍‌ଶୋ'ରେ ଯୋଗଦେବେ । ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଇଞ୍ଜିନିୟରିଂ ପଡ଼ିଆରେ ସାଧାରଣ ସଭାକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । ପ୍ରଧାନମନ୍ତ୍ରୀ ଆଭାସୀ ଜରିଆରେ ବିଶାଖାପାଟଣା ଦକ୍ଷିଣତଟ ରେଳପଥ ମୁଖ୍ୟାଳୟ ସମେତ ୧୯ ହଜାର ୫୦୦ କୋଟି ଟଙ୍କାର ବିଭିନ୍ନ ରେଳ ଏବଂ ସଡ଼କ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବେ । ପ୍ରଧାନମନ୍ତ୍ରୀ ଆସନ୍ତାକାଲି ଭୁବନେଶ୍ୱରଠାରେ ପହଞ୍ଚି ପ୍ରବାସୀ ଭାରତୀୟ ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ଆସାମ ରେସ୍କ୍ୟୁ ଅପରେସନ

ଆସାମର ଦିମାହାସାଓ ଜିଲ୍ଲାର ଓମ୍ରାନ୍‌ସୋ କୋଇଲାଖଣିରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ସେଠାରେ ଅଟକି ରହିଥିବା ଶ୍ରମିକଙ୍କୁ ଉଦ୍ଧାର ପାଇଁ ସେନା ଏବଂ ଅର୍ଦ୍ଧସାମରିକ ବାହିନୀ ନିୟୋଜିତ ହୋଇଛନ୍ତି । ଆସାମ ସରକାର ନୌସେନାର ମଧ୍ୟ ସହାୟତା ଲୋଡ଼ିଛନ୍ତି । ପାଣି ଭର୍ତ୍ତି ହୋଇଯାଇଥିବା କୋଇଲା ଖଣିରୁ ଆଜି ୨୧ ଜଣ ପାରା ଡାଇଭର୍, ଜଣେ କୋଇଲା ଖଣି କର୍ମଚାରୀଙ୍କ ମୃତଦେହ ଉଦ୍ଧାର କରିଛନ୍ତି । ୪୮ ଘଣ୍ଟାରୁ ଅଧିକ ସମୟ ଧରି ଉଦ୍ଧାର କାର୍ଯ୍ୟ ଚାଲିଛି ।

## ଗଡ଼କରୀ - ରୋଡ୍ ସେଫ୍‌ଟି

ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି, ଦୁର୍ଘଟଣାଗ୍ରସ୍ତଙ୍କ ଚିକିତ୍ସା ପାଇଁ ସରକାର ସର୍ବାଧିକ ଦେଢ଼ଲକ୍ଷ ଟଙ୍କା ପ୍ରଦାନ

କରୁଛନ୍ତି । ତେବେ ହିଟ୍ ଆଣ୍ଡ୍ ରନ୍ ମାମଲାରେ ମୃତକଙ୍କ ନିକଟ ସଂପର୍କୀୟଙ୍କୁ ୨ ଲକ୍ଷ ଟଙ୍କା ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି ।

ସଡ଼କ ସୁରକ୍ଷା ଉପରେ ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଗତବର୍ଷ ସଡ଼କ ଦୁର୍ଘଟଣାରେ ପ୍ରାୟ ୧ ଲକ୍ଷ ୮୦ ହଜାର ଲୋକଙ୍କର ମୃତ୍ୟୁ ହୋଇଛି। ହେଲ୍‌ମେଟ୍ ବ୍ୟବହାର ନ କରିବା କାରଣରୁ ପାଖାପାଖି ୩୦ ହଜାର ଲୋକ ପ୍ରାଣ ହରାଇଥିବା ଜଣାପଡ଼ିଛି । ସେଥିମଧ୍ୟରେ ୧୮ରୁ ୩୪ ବର୍ଷ ବୟସ ବର୍ଗର ୬୬ ପ୍ରତିଶତ ନାଗରିକ ଥିବା ଜଣାପଡ଼ିଛି ।

ଦେଶରେ ସର୍ବଭାରତୀୟ ସ୍ତରରେ ଡ୍ରାଇଭିଂ ତାଲିମ୍ ଅନୁଷ୍ଠାନ - ଡି.ଟି.ଆଇ. ପ୍ରତିଷ୍ଠା କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ଏହି ଅନୁଷ୍ଠାନ' ସ୍ୱୟଂଚାଳିତ ପରୀକ୍ଷାକେନ୍ଦ୍ର ଏବଂ ଏ ସଂକ୍ରାନ୍ତ ସମନ୍ୱୟ ଭିତ୍ତିଭୂମିର ବିକାଶ ପାଇଁ କାର୍ଯ୍ୟ କରିବ । ଗଣମାଧମକୁ ଏ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ଗଡ଼କରୀ କହିଛନ୍ତି, ଗାଡ଼ିଚାଳନା କ୍ଷେତ୍ରରେ ଦକ୍ଷତା ବୃଦ୍ଧି ଲକ୍ଷ୍ୟ ନେଇ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପରିବହନ ମନ୍ତ୍ରୀଙ୍କ ସହ ହୋଇଥିବା ବୈଠକରେ ସଡ଼କ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦିଆଯାଇଛି ବୋଲି ଶ୍ରୀ ଗଡ଼କରୀ କହିଛନ୍ତି । ସଡ଼କ ପରିବହନ କ୍ଷେତ୍ରରେ ପରିବର୍ତ୍ତନ ଆଣିବା ଏବଂ ଏ ଦିଗରେ ରହିଥିବା ଆହ୍ୱାନଗୁଡ଼ିକର ମୁକାବିଲା ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିବା ମନ୍ତ୍ରୀ ଶ୍ରୀ ଗଡ଼କରୀ ସୂଚନା ଦେଇଥିଲେ ।

## ଗଡ଼କରୀ - ରୋଡ୍ ସେଫ୍‌ଟି

ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି, ଦୁର୍ଘଟଣାଗ୍ରସ୍ତଙ୍କ ଚିକିତ୍ସା ପାଇଁ ସରକାର ସର୍ବାଧିକ ଦେଢ଼ଲକ୍ଷ ଟଙ୍କା ପ୍ରଦାନ

କରୁଛନ୍ତି । ତେବେ ହିଟ୍ ଆଣ୍ଡ୍ ରନ୍ ମାମଲାରେ ମୃତକଙ୍କ ନିକଟ ସଂପର୍କୀୟଙ୍କୁ ୨ ଲକ୍ଷ ଟଙ୍କା ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି ।

ସଡ଼କ ସୁରକ୍ଷା ଉପରେ ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଗତବର୍ଷ ସଡ଼କ ଦୁର୍ଘଟଣାରେ ପ୍ରାୟ ୧ ଲକ୍ଷ ୮୦ ହଜାର ଲୋକଙ୍କର ମୃତ୍ୟୁ ହୋଇଛି। ହେଲ୍‌ମେଟ୍ ବ୍ୟବହାର ନ କରିବା କାରଣରୁ ପାଖାପାଖି ୩୦ ହଜାର ଲୋକ ପ୍ରାଣ ହରାଇଥିବା ଜଣାପଡ଼ିଛି । ସେଥିମଧ୍ୟରେ ୧୮ରୁ ୩୪ ବର୍ଷ ବୟସ ବର୍ଗର ୬୬ ପ୍ରତିଶତ ନାଗରିକ ଥିବା ଜଣାପଡ଼ିଛି ।

ଦେଶରେ ସର୍ବଭାରତୀୟ ସ୍ତରରେ ଡ୍ରାଇଭିଂ ତାଲିମ୍ ଅନୁଷ୍ଠାନ - ଡି.ଟି.ଆଇ. ପ୍ରତିଷ୍ଠା କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ଏହି ଅନୁଷ୍ଠାନ' ସ୍ୱୟଂଚାଳିତ ପରୀକ୍ଷାକେନ୍ଦ୍ର ଏବଂ ଏ ସଂକ୍ରାନ୍ତ ସମନ୍ୱୟ ଭିତ୍ତିଭୂମିର ବିକାଶ ପାଇଁ କାର୍ଯ୍ୟ କରିବ । ଗଣମାଧମକୁ ଏ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ଗଡ଼କରୀ କହିଛନ୍ତି, ଗାଡ଼ିଚାଳନା କ୍ଷେତ୍ରରେ ଦକ୍ଷତା ବୃଦ୍ଧି ଲକ୍ଷ୍ୟ ନେଇ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପରିବହନ ମନ୍ତ୍ରୀଙ୍କ ସହ ହୋଇଥିବା ବୈଠକରେ ସଡ଼କ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦିଆଯାଇଛି ବୋଲି ଶ୍ରୀ ଗଡ଼କରୀ କହିଛନ୍ତି । ସଡ଼କ ପରିବହନ କ୍ଷେତ୍ରରେ ପରିବର୍ତ୍ତନ ଆଣିବା ଏବଂ ଏ ଦିଗରେ ରହିଥିବା ଆହ୍ୱାନଗୁଡ଼ିକର ମୁକାବିଲା ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିବା ମନ୍ତ୍ରୀ ଶ୍ରୀ ଗଡ଼କରୀ ସୂଚନା ଦେଇଥିଲେ ।

## ମହାକୁମ୍ଭ

ଉତ୍ତରପ୍ରଦେଶର ପ୍ରୟାଗରାଜଠାରେ ଆୟୋଜିତ ହେବାକୁ ଥିବା ମହାକୁମ୍ଭମେଳା ଅବସରରେ ଶ୍ରଦ୍ଧାଳୁଙ୍କ ଗମନାଗମନକୁ ଦୃଷ୍ଟିରେ ରଖି

ରାଜ୍ୟ ସଡ଼କ ଓ ପରିବହନ ନିଗମ ବିଦ୍ୟୁତ୍ ଚାଳିତ ବସ୍ ଚଳାଇବାକୁ ନିଷ୍ପତ୍ତି ନେଇଛି । ଶ୍ରଦ୍ଧାଳୁଙ୍କର ଗମନାଗମନକୁ ସୁବ୍ୟବସ୍ଥିତ କରିବା ଲକ୍ଷ୍ୟରେ ୭ ହଜାର ଗ୍ରାମୀଣ ବସ୍ ଏବଂ ୩୫୦ଟି ସଟଲ୍ ବସ୍ ଚଳାଚଳ କରିବ । ବସ୍ ଚଳାଚଳ ପାଇଁ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ୍ ମଧ୍ୟ ନିର୍ମାଣ କରାଯାଇଛି । ଯାତ୍ରୀଙ୍କୁ ସହାୟତା ପ୍ରଦାନ କରିବା ଲକ୍ଷ୍ୟରେ ଟୋଲ୍ ଫ୍ରି ନମ୍ବର ଏବଂ ହ୍ୱାଟସ୍‌ଆପ୍ ନମ୍ବର ମଧ୍ୟ ଜାରି କରାଯାଇଛି । ମେଳା ଅଞ୍ଚଳ ବିଶେଷକରି ସଙ୍ଗମ ଆଖପାଖ ଅଞ୍ଚଳରେ ପୁଲିସ୍ ପକ୍ଷରୁ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଆସନ୍ତା ୧୩ ତାରିଖରୁ ଫେବୃୟାରୀ ୨୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ସମାବେଶରେ ଦେଶ ବିଦେଶରୁ ପ୍ରାୟ ୪୫ କୋଟି ଶ୍ରଦ୍ଧାଳୁଙ୍କ ସମାଗମ ହେବା ନେଇ ରାଜ୍ୟ ସରକାର ଆକଳନ କରିଛନ୍ତି ।

## ଇଣ୍ଡିଆନ ଆମେରିକାନ

ଆମେରିକାର ଭର୍ଜିନିଆ ରାଜ୍ୟ ବିଧାନସଭା ପାଇଁ ଅନୁଷ୍ଠିତ ସ୍ୱତନ୍ତ୍ର ନିର୍ବାଚନରେ ୨ ଭାରତ ଆମେରିକୀୟ ପ୍ରାର୍ଥୀ କନ୍ନନ ଶ୍ରୀନିବାସନ ଏବଂ ଜେଜେ ସିଂ ବିଜୟୀ ହୋଇଛନ୍ତି । ଶ୍ରୀନିବାସନ୍ ରାଜ୍ୟ ସିନେଟ୍‌କୁ ନିର୍ବାଚିତ ହୋଇଥିବା ବେଳେ ଶ୍ରୀ ସିଂ ଷ୍ଟେଟ୍ ହାଉସ୍ ଅଫ୍ ଡେଲିଗେଟ୍‌ସକୁ ନିର୍ବାଚିତ ହୋଇଛନ୍ତି । ଶ୍ରୀନିବାସନ୍ ଆମେରିକା ଯିବା ପୂର୍ବରୁ ଭାରତରେ ଚାର୍ଟାର୍ଡ୍ ଆକାଉଣ୍ଟାଣ୍ଟ୍ ଭାବରେ କାର୍ଯ୍ୟ କରୁଥିଲେ । ଭର୍ଜିନିଆରେ ଜନ୍ମଗ୍ରହଣ କରିଥିବା ଜେଜେ ସିଂ’ ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମାଙ୍କ ଅଧୀନରେ ହ୍ୱାଇଟ୍ ହାଉସ୍ ଅଫିସ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ୍ ବଜେଟ୍‌ରେ କାର୍ଯ୍ୟ କରିଥିଲେ ।

## ବ୍ୟାଡମିଣ୍ଟନ

ମାଲେସିଆର କ୍ୱାଲାଲମ୍ପୁରଠାରେ ଚାଲିଥିବା ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଭାରତର ଧ୍ରୁବ କପିଳା ଏବଂ ତନିସା କ୍ରାଷ୍ଟୋ ମିଳିତ ବର୍ଗରେ ପ୍ରିକ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ଏହି ଯୋଡ଼ି ଆସନ୍ତାକାଲି ଚୀନ୍ ପ୍ରତିପକ୍ଷଙ୍କୁ ଭେଟିବେ । ଦକ୍ଷିଣ କୋରିଆ ଯୋଡ଼ିଙ୍କୁ ୨୧-୧୩ ଏବଂ ୨୧-୧୪ ସେଟ୍‌ରେ ପରାସ୍ତ କରି ଭାରତୀୟ ଯୋଡ଼ି ପ୍ରି-କ୍ୱାର୍ଟରଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ଭାରତର ଆଧ୍ୟ ଭରିୟାଥ୍ ଏବଂ ସତୀଶ କରୁଣାକରନ୍‌ଙ୍କ ଯୋଡ଼ି ମିଳିତବର୍ଗରେ ମଧ୍ୟ ପ୍ରି-କ୍ୱାର୍ଟରଫାଇନାଲ୍ ପର୍ଯ୍ୟାୟରେ ପହଞ୍ଚିଛନ୍ତି । ପୁରୁଷ ଏକକ ବର୍ଗରେ ପ୍ରିୟାଂଶୁ ରାଜବତ୍ ପ୍ରଥମ ରାଉଣ୍ଡରେ ପରାଜିତ ହୋଇଛନ୍ତି ।

## ଏଚ୍.ଆଇ.ଏଲ୍. - ହକି

ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାରେ ଆଜି ୨ଟି ମ୍ୟାଚ୍ ଖେଳାଯିବ । ପ୍ରଥମ ମ୍ୟାଚ୍‌ରେ ଗୋନାସିକା ହକି ଦଳ ତାମିଲ୍‌ନାଡୁ ଡ୍ରାଗନ୍‌ସକୁ ଭେଟୁଥିବାବେଳେ ଦ୍ୱିତୀୟ ମ୍ୟାଚ୍‌ରେ ୟୁ.ପି. ରୁଦ୍ରସ୍ ଏବଂ ହାଇଦ୍ରାବାଦ ତୋଫାନ୍ସ ମଧ୍ୟରେ ମୁକାବିଲା ହେବ ।

ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ କଳିଙ୍ଗ ଲାନ୍‌ସର୍ସ ବିଜୟୀ ହୋଇଛି । ରାଉରକେଲାର ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ କଳିଙ୍ଗ ଲାନ୍‌ସର୍ସ' ଶ୍ରାଚି ରାହ ବେଙ୍ଗଲ୍ ଟାଇଗର୍ସକୁ ୬-୦ ଗୋଲ୍‌ରେ ପରାସ୍ତ କରି ପ୍ରଥମ ବିଜୟ ହାସଲ କରିଛି । କଳିଙ୍ଗ ଲାନ୍‌ସର୍ସ ୪ଟି ମ୍ୟାଚ୍‌ରୁ ଗୋଟିଏ ବିଜୟ, ଗୋଟି ଅମୀମାଂସିତ ଏବଂ ୨ଟି ପରାଜୟ

ସହ ୪ ପଏଣ୍ଟ ହାସଲ କରିଛି । କଳିଙ୍ଗ ଲାନ୍‌ସର୍ସର କ୍ରିଷନ୍ ବାହାଦୁର ପାଠକ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ।